ପ୍ରମେୟ
THE PRAMEYA

DATE: - 05.08.2017

# ନିସ୍ ଇନଷ୍ଟିଚ୍ୟୁଟରେ ନବାଗତଙ୍କୁ ସ୍ୱାଗତ




ଝିଁଙ୍କା,୪।୮(ଆ.ପ୍ର.): ମଦନପୁର ସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ ଅଫ ଇନଫରମେସନ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ନବାଗତ ବିବିଏ, ବିସିଏ, ବିଏସି କମ୍ପ୍ୟୁଟର ସାଇନ୍ସ ଓ ବିଏସି ଆଇଟିଏମର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶ୍ରୀକାନ୍ତ ପୃଷ୍ଟି ମୁଖ୍ୟଅତିଥି, ସନମାର୍ଗ ମୁଖ୍ୟ ପରିଚାଳକ ଡକ୍ଟର ଅଶୋକ କୁମାର ପଣ୍ଡା ମୁଖ୍ୟବକ୍ତା, ଉତ୍କଳ ବିଶ୍ୱବିଦ୍ୟାଳୟର ଏମବିଏ ବିଭାଗର ପ୍ରଫେସର ଡକ୍ଟର ବିବି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷଣ ଦେଇଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଡିନ ଡକ୍ଟର ଶ୍ରୁତିକାନ୍ତ ଦୀକ୍ଷିତ, ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟକାନ୍ତ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶକୁ ଅନୁକରଣ କରି ଛାତ୍ରଛାତ୍ରୀମାନେ କିପରି ବୈଷୟିକ ଶିକ୍ଷାଗ୍ରହଣ କରି ଉତ୍ତୋରତ୍ତର ଉନ୍ନତି କରିବା ସହ ରାଷ୍ଟ୍ରଗଠନରେ ପ୍ରମୁଖ ଭୂମିକା ହାସଲ କରିପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ତରଫରୁ ନିମନ୍ତ୍ରିତ ଅତିଥିମାନଙ୍କୁ ସହପ୍ରତିଷ୍ଠାତା ତଥା ସମ୍ପାଦିକା ପ୍ରଫେସର ସ୍ମୃତିସୁଧା ନାୟକ ମାନପତ୍ର ଓ ଉପଢୌକନ ପ୍ରଦାନ କରିବା ପରେ ନବାଗତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶପଥପାଠ ଓ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।